# NATIONAL NEWS BULLETIN (ODIA)

## 27 April - 2025

### Morning Bulletin : 7.15 a.m.

*******************************************

## ମୁଖ୍ୟ ସମ୍ବାଦ

- ମନ୍‌କି ବାତର ୧୨୧ ତମ ସଂସ୍କରଣରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ
- ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏକୁ ଆନୁଷ୍ଠାନିକ ଭାବେ ଦିଆଗଲା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ତଦନ୍ତ ଦାୟିତ୍ୱ
- ବିଶ୍ୱ ଦୃଶ୍ୟଶ୍ରାବ୍ୟ ଓ ମନୋରଂଜନ ଶିଖର ସମ୍ମିଳନୀ ୱେଭ୍‌ସ୍‌ରେ ୪ଟି ପ୍ରମୁଖ ବିଷୟକୁ ଆଧାର କରି ପ୍ରସ୍ତୁତ ହେବ ଭାରତ ପାଭିଲିୟନ୍
- ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ ଆସନ୍ତାକାଲି ବସିବ ଜାମ୍ମୁକାଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

ଏବଂ

- ଆଇପିଏଲ୍‌ର ଗତକାଲିର ମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ, ଗୋଟିଏ ଲେଖାଏଁ ପଏଣ୍ଟ ବାଣ୍ଟିନେଲେ କୋଲ୍‌କାତା ନାଇଟ୍ ରାଇଡର୍ସ ଓ ପଞ୍ଜାବ କିଙ୍ଗ୍‌ସ

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ରେଡିଓ

କାର୍ଯ୍ୟକ୍ରମ 'ମନ୍ କି ବାତ'ର କାର୍ଯ୍ୟକ୍ରମର ୧୨୧ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଏନ୍‌ଆଇଏ-ପହଲଗାମ୍

କେନ୍ଦ୍ର ଗୃହମନ୍ତ୍ରଣାଳୟ ପହଲଗାମ ଆତଙ୍କବାଦୀ ଆକ୍ରମଣର ତଦନ୍ତ ଦାୟିତ୍ୱ ଆନୁଷ୍ଠାନିକ ଭାବେ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏକୁ ହସ୍ତାନ୍ତର କରିଛି । ତେବେ ଏହି ଘଟଣାର ତଦନ୍ତଭାର ସଂପୂର୍ଣ୍ଣ ଭାବେ ଏନ୍‌ଆଇଏ ନ୍ୟସ୍ତ କରାଯାଇଛି । ଏହା ପୂର୍ବରୁ ଏନ୍‌ଆଇଏ ଟିମ୍ ଆକ୍ରମଣସ୍ଥଳ ପରିଦର୍ଶନ କରିବା ସହ ମୃତକଙ୍କ ପରିବାରବର୍ଗଙ୍କଠାରୁ ତଥ୍ୟ ହାସଲ କରିଥିଲା । ଚଳିତମାସ ୨୨ ତାରିଖରେ ଜାମ୍ମୁକାଶ୍ମୀରର ପହଲଗାମର ବୈସରଣ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ ।

## ନ୍ୟାସନାଲ ଏମ୍ପ୍ଲୋଏମେଣ୍ଟ ଫେୟାର

ପଞ୍ଚଦଶ ଜାତୀୟ ନିଯୁକ୍ତିମେଳା ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ମାଧ୍ୟମରେ ଏହି ମେଳାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ

ଅଂଶଗ୍ରହଣ ଦେଶକୁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହିତ ଦ୍ରୁତ ବିକାଶ ପଥରେ ଅଗ୍ରସର କରାଉଛି । ଯୁବବର୍ଗଙ୍କ ଦକ୍ଷତା ବିକାଶ ଏବଂ ନିଯୁକ୍ତି କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସରକାର ନେଉଥିବା ପଦକ୍ଷେପଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆଲୋଚନା କରିଛନ୍ତି ।

**V/O (PM on Jobs)**

ପ୍ରଧାନମନ୍ତ୍ରୀ କହିଛନ୍ତି, ବଜେଟ୍‌ରେ ସରକାର ଉତ୍ପାଦନ କ୍ଷେତ୍ରକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବା ନେଇ ବ୍ୟବସ୍ଥା କରାଯାଇଛି । ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀଙ୍କୁ ଏହା ଦ୍ୱାରା ସହଯୋଗ ପ୍ରଦାନର ଲକ୍ଷ୍ୟ ରଖାଯାଇଛି ।

**V/O (PM on Economy)**

ବିଭିନ୍ନ ସରକାରୀ ପଦବୀରେ ନବନିଯୁକ୍ତ ୫୧ ହଜାରରୁ ଅଧିକ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି । ଏହି ଅବସରରେ ୪୭ଟି ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା ।

# ଆରଏସ୍‌ଏସ୍ ନନ୍‌ଭାଓଲେନ୍ସ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ ମୋହନ ଭାଗବତ କହିଛନ୍ତି, ଅହିଂସା ହେଉଛି ଭାରତର ଧର୍ମ ଏବଂ ଏହାର ମୂଲ୍ୟବୋଧ । କିନ୍ତୁ ଆକ୍ରମଣକାରୀମାନଙ୍କୁ ଉଚିତ ଶିକ୍ଷାଦେବା ମଧ୍ୟ ଏହାର ଧର୍ମ ବୋଲି ସେ

କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଦ ହିନ୍ଦୁ ମାନିଫେଷ୍ଟୋ ପୁସ୍ତକ ଉନ୍ମୋଚନ ଅବସରରେ ଶ୍ରୀ ଭାଗବତ କହିଛନ୍ତି, ଭାରତ କେବେ ବି ଅନ୍ୟର କ୍ଷତି କରେନାହିଁ କିମ୍ବା ଅସମ୍ମାନ ମଧ୍ୟ କରେନାହିଁ । କିନ୍ତୁ ଯଦି କେହି ମନ୍ଦ ଉଦ୍ଦେଶ୍ୟ ରଖି ଭାରତ ପ୍ରତି ବିପଦ ସୃଷ୍ଟିକରେ, ତାହାର କଡ଼ା ଜବାବ ଦିଆଯାଇଥାଏ ବୋଲି ସେ କହିଛନ୍ତି ।

## ଏନ୍‌ଟିଏ ପ୍ଲାଟଫର୍ମ

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ୨୦୨୫ ନିଟ୍ ପରୀକ୍ଷା ସଂପର୍କରେ ଦାବି ଉପସ୍ଥାପନ ପାଇଁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ଆରମ୍ଭ କରିଛି । ଏହି ପରୀକ୍ଷାରେ ଅନିୟମିତତା ସୃଷ୍ଟି କରୁଥିବା ଏବଂ ପ୍ରାର୍ଥୀମାନଙ୍କୁ ଠକିବାକୁ ଚେଷ୍ଟା କରୁଥିବା ଲୋକମାନଙ୍କ ଦ୍ୱାରା ବିଭ୍ରାନ୍ତ ନ ହେବାକୁ ଏନ୍‌ଟିଏ ପରାମର୍ଶ ଦେଇଛି । ଆସନ୍ତାମାସ ୪ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ କୌଣସି ପ୍ରକାରର ମିଥ୍ୟା ତଥ୍ୟ ସଂପର୍କରେ ସଂପୃକ୍ତ ୱେବ୍‌ସାଇଟ୍‌ରେ ସୂଚନା ଦେଇପାରିବେ ବୋଲି ଏନଟିଏ ପକ୍ଷରୁ କୁହାଯାଇଛି । ନୂଆ ପ୍ଲାଟଫର୍ମ ହେଉଛି : **Neet Claim.centralindia.cloudapp.azure.com**

## ଭାରତ ପାଭିଲିୟନ୍ ୱେଭ୍‌ସ-୨୦୨୫

ଆସନ୍ତା ମେ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇଠାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍-୨୦୨୫ ପାଇଁ ସାରା ବିଶ୍ୱ ଏକାଠି ହୋଇଥିବାବେଳେ ଭାରତ ଗର୍ବର ସହ **ଭାରତ ପାଭିଲିୟନ୍** ଉନ୍ମୋଚନ କରିବ । ଏଥିରେ ବିଶ୍ୱ

ଗଣମାଧ୍ୟମ ଏବଂ ମନୋରଂଜନ କ୍ଷେତ୍ରରେ ଭାରତର କାହାଣୀସଂପନ୍ନ ପରମ୍ପରା ନୂତନ ଅଧ୍ୟାୟ ସୃଷ୍ଟି କରିବ ।

**କଳା ଟୁ କୋଡ୍** ଅର୍ଥାତ୍ କଳାରୁ ସଂହିତା ଶୀର୍ଷକରେ ଉନ୍ମୋଚନ ହେବାକୁ ଥିବା ଭାରତ ମଣ୍ଡପରେ ବସୁଧୈବ କୁଟୁମ୍ବକମ୍ ର ଭାବନା ନେଇ ବିଶ୍ୱକୁ ଏକ ପରିବାର ଏବଂ ଭାରତର କଳା ପରମ୍ପରା କିଭଳି ସୃଜନଶୀଳତା, ସୌହାର୍ଦ୍ଦ୍ୟ ଏବଂ ସାଂସ୍କୃତିକ କୂଟନୀତିର ପଥପ୍ରଦର୍ଶକ ପାଲଟିଛି, ତାହା ପ୍ରଦର୍ଶନ କରାଯିବ ।

ଭାରତ ମଣ୍ଡପରେ ୪ଟି ମୁଖ୍ୟ ବିଷୟବସ୍ତୁ ରହିବ, ଯେଉଁଥିରେ ବିଶ୍ୱବାସୀ ଭାରତୀୟ କାହାଣୀ ଓ ପରମ୍ପରାର ନିରନ୍ତରତା ସଂପର୍କରେ ଅବଗତ ହୋଇପାରିବେ । ଏଥିରେ **ଶ୍ରୁତି** ଭାଗରେ ବୈଦିକ ଉଚ୍ଚାରଣ, ଲୋକଗାଥା, ଶାସ୍ତ୍ରୀୟ ସଂଗୀତ, ରେଡିଓ ଏବଂ କଥିତ ଶବ୍ଦ ଉପରେ ଗୁରୁତ୍ୱ ଦିଆଯିବ ।

**କୃତି** ବିଭାଗରେ ଲିଖିତ ପରମ୍ପରା ଉପରେ ବିଶେଷକରି ଗୁମ୍ଫାଗୁଡ଼ିକରେ ଅଙ୍କିତ ଲେଖା, ତାଳପତ୍ର ପାଣ୍ଡୁଲିପି, ମୁଦ୍ରିତ ଗଣମାଧ୍ୟମ, ସାହିତ୍ୟ ଏବଂ ଆଧୁନିକ ପ୍ରକାଶନର ବିକାଶଧାରା ପ୍ରଦର୍ଶନ ହେବ ।

ସେହିପରି **ଦୃଷ୍ଟି** ବିଭାଗରେ ଦେଶର ପ୍ରାଚୀନ ନୃତ୍ୟ ପରମ୍ପରା, କଣ୍ଢେଇକଳା, ଲୋକନାଟକ, ସିନେମା, ଟେଲିଭିଜନ ଏବଂ ଡିଜିଟାଲ୍ ଅଭିବ୍ୟକ୍ତିର ପ୍ରଦର୍ଶନ କରାଯିବ । ଚତୁର୍ଥ ତଥା ଅନ୍ତିମ ବିଭାଗ ଭାବେ **କ୍ରିଏଟର୍ସ ଲିପ୍** ରେ ଭାରତ କିଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ

କରି ପାରମ୍ପରିକ କାହାଣୀଗୁଡ଼ିକୁ ପ୍ରଦର୍ଶନ କରୁଛି, ସେ ସଂପର୍କରେ ତଥ୍ୟ ପ୍ରଦାନ କରାଯିବ । ଏ ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି:

**V/O (PM on Waves)**

# ଜେକେ ଆସେମ୍ବ୍ଲି ସେସନ୍

ପହଲଗାମ ଆତଙ୍କବାଦୀ ଆକ୍ରମଣ ନେଇ ଆଲୋଚନା କରିବାକୁ ଆସନ୍ତାକାଲି ଜାମ୍ମୁକାଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିବ । ଏହି ଆକ୍ରମଣରେ ୨୫ ଜଣ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି । ବିଧାନସଭାର ଏହି ଦିନିକିଆ  ସ୍ୱତନ୍ତ୍ର ଅଧିବେଶନରେ ମୃତକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ଘଟଣା ସଂପର୍କରେ ଆଲୋଚନା କରାଯିବ । ଏଥିସହ ବିଧାନସଭାରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରାଯାଇ ଏକ ସଂକଳ୍ପ ପାରିତ କରାଯିବ ।

ସୂଚନା ଅନୁଯାୟୀ ସଂକଳ୍ପ ଗୃହୀତ ହେବା ପୂର୍ବରୁ ବିଧାନସଭାରେ ଏହି ଘଟଣା ଉପରେ ପ୍ରାୟ ୨ ଘଣ୍ଟା ଆଲୋଚନା ହେବ । ତେବେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯିବା ଏକ ବିରଳ ଘଟଣା ବୋଲି କୁହାଯାଇଛି ।

# ଆଇଆଣ୍ଡବି- ମେଡିଆ ଆଡ୍‌ଭାଇଜାରି

ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି ଆତଙ୍କବାଦୀ ବିରୋଧୀ ଅଭିଯାନ ଏବଂ ସୁରକ୍ଷା ବାହିନୀ ଗତିବିଧିର ସିଧାପ୍ରସାରଣରୁ ନିବୃତ୍ତ ରହିବାକୁ

ଗଣମାଧ୍ୟମଗୁଡ଼ିକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ଜାତୀୟ ନିରାପତ୍ତାକୁ ସୁରକ୍ଷିତ ରଖିବାରେ ଗଣମାଧ୍ୟମ, ଡିଜିଟାଲ ପ୍ଲାଟଫର୍ମ ଏବଂ ଏଥିରେ ସଂଶ୍ଳିଷ୍ଟ ଥିବା ଅଂଶୀଦାରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମ୍ବେଦନଶୀଳ ସୂଚନାର ସୁବିଧା ଅଜାଣତରେ ଶତ୍ରୁପକ୍ଷକୁ ସହାୟତା ପ୍ରଦାନ କରିବାର ଆଶଙ୍କା ରହିଛି। ଏହାଦ୍ୱାରା ଦେଶର ସୁରକ୍ଷା ଏବଂ ଆତଙ୍କବାଦୀ ବିରୋଧୀ ଅଭିଯାନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବାର ସମ୍ଭାବନା ରହିଥିବା ମନ୍ତ୍ରଣାଳୟ କହିଛି । ଏଥିସହ ସୁରକ୍ଷା କର୍ମଚାରୀଙ୍କ ପ୍ରତି ମଧ୍ୟ ଏହା ବିପଦ ସୃଷ୍ଟି କରିପାରେ। ସୁରକ୍ଷା ବାହିନୀର କୌଣସି ପ୍ରକାର ଆତଙ୍କବାଦ ବିରୋଧୀ ଅଭିଯାନର ସିଧାପ୍ରସାରଣ କରାନଯିବାକୁ କେବୁଲ ଟେଲିଭିଜନ ନେଟ୍‌ୱର୍କ ସଂଶୋଧନ ନିୟମରେ ଉଲ୍ଲେଖ ରହିଛି। କାର୍ଗିଲ ଯୁଦ୍ଧ, ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ କାନ୍ଦାହାର ଅପହରଣ ଭଳି ଘଟଣାର ଅବାଧ ପ୍ରସାରଣ ଜାତୀୟ ସ୍ୱାର୍ଥ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ବୋଲି ମନ୍ତ୍ରଣାଳୟ କହିଛି ।

## ଇରାନ-ଏକ୍ସପ୍ଲୋଜନ

ଦକ୍ଷିଣ ଇରାନର ସାହିର ରାଜାଇ ବନ୍ଦର ନିକଟରେ ଘଟିଥିବା ଭୟଙ୍କର ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ଏଥିରେ ୭୫୦ରୁ ଅଧିକ ଲୋକ ଆହତ ହୋଇଥିବା ଜଣାପଡ଼ିଛି । ରାଷ୍ଟ୍ରପତି ମାସୁଦ୍ ପେଜେସେକିଆନ ସାମାଜିକ ଗଣମାଧ୍ୟମରେ ପୀଡ଼ିତଙ୍କ ପ୍ରତି ଦୁଃଖ ଓ ସମବେଦନା ପ୍ରକାଶ କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଦେଶର ଆଭ୍ୟନ୍ତରୀଣ ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଥିବା ରାଷ୍ଟ୍ରପତି କହିଛନ୍ତି ।

## ନିଉଡେଲି-ଆର୍ମି ହସ୍ପିଟାଲ

ନୂଆଦିଲ୍ଲୀସ୍ଥିତ ସେନା ଡାକ୍ତରଖାନା ଏବଂ ଗବେଷଣା  ପ୍ରତିଷ୍ଠାନରେ ଚକ୍ଷୁ ରୋଗ ବିଭାଗ ଗ୍ଲୁକୋମା ଅସ୍ତ୍ରୋପଚାର ପାଇଁ ଥ୍ରି-ଡି ମାଇକ୍ରୋସ୍କୋପ୍ ପ୍ରଚଳନକରି ଏକ ମାଇଲ୍‌ଖୁଣ୍ଟ ହାସଲ କରିଛି । ଏହି ଥ୍ରି-ଡି ମାଇକ୍ରୋସ୍କୋପ୍ ଡାକ୍ତରମାନଙ୍କୁ ଅଧିକ ସଫଳତାର ସହ ଜଟିଳ ଚକ୍ଷୁ ଅସ୍ତ୍ରୋପଚାର କରିବା ଦିଗରେ ସହାୟକ ହୋଇଥାଏ । ଏଥିରେ ସ୍ୱତନ୍ତ୍ର ଥ୍ରି-ଡି ଗ୍ଲାସ୍ ଏବଂ ୫୫ ଇଞ୍ଚ୍‌ର ଫୋର୍-କେ ଅଲ୍‌ଟ୍ରା ହାଇଡେଫିନେସନ୍ ଡିସ୍‌ପ୍ଲେ ରହିଛି ।

## ୱାର୍ଲଡ୍ ବ୍ୟାଙ୍କ ରିପୋର୍ଟ

ଗତ ୧୦ ବର୍ଷ ମଧ୍ୟରେ ଦେଶର ୧୭ କୋଟିରୁ ଅଧିକ ଲୋକ ଅତ୍ୟଧିକ ଦାରିଦ୍ର୍ୟ ବର୍ଗରୁ ଉନ୍ନୀତ ହୋଇଛନ୍ତି ବୋଲି ବିଶ୍ୱବ୍ୟାଙ୍କର ସ୍ପ୍ରିଙ୍ଗ୍-୨୦୨୫ ଦାରିଦ୍ର୍ୟ ଓ ଇକ୍ୟୁଟି ରିପୋର୍ଟରେ କୁହାଯାଇଛି । ସେଥିମଧ୍ୟରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶର ଦୁଇ ତୃତୀୟାଂଶ ଲୋକ ରହିଛନ୍ତି। ୨୦୧୧-୧୨ରେ ଦେଶର ଗ୍ରାମାଞ୍ଚଳରେ ଅତ୍ୟଧିକ ଦରିଦ୍ର ଶ୍ରେଣୀ ୧୮ ଦଶମିକ ୪ ପ୍ରତିଶତ ରହିଥିବା ବେଳେ ୨୦୨୨-୨୩ରେ ଏହା ୨ ଦଶମିକ ୮ ପ୍ରତିଶତକୁ ହ୍ରାସ ପାଇଥିଲା। ସେହିଭଳି ଏହି ସମୟସୀମା ମଧ୍ୟରେ ସହରାଞ୍ଚଳରେ ଦାରିଦ୍ର୍ୟ ଶ୍ରେଣୀ ୧୦ ଦଶମିକ ୭ ପ୍ରତିଶତରୁ ହ୍ରାସ ପାଇ ୧ ଦଶମିକ ୧

ପ୍ରତିଶତରେ ପହଞ୍ଚିଥିଲା ।  ୨୦୨୧-୨୨ ପରଠାରୁ ଭାରତରେ ନିଯୁକ୍ତିକ୍ଷେତ୍ରରେ ସକାରାତ୍ମକ ପରିସ୍ଥିତି ଯୋଗୁଁ ଏହି ସଫଳତା ମିଳିଥିବା ରିପୋର୍ଟରେ କୁହାଯାଇଛି ।

# ଆଇପିଏଲ୍

ଚଳିତ ଆଇପିଏଲ୍ କ୍ରିକେଟ୍ ସିରିଜ୍‌ର ଗତସନ୍ଧ୍ୟାରେ ବର୍ଷା ବାଧିତ ମ୍ୟାଚ୍ ଯୋଗୁଁ କୋଲକାତା ନାଇଟ୍ ରାଇଡର୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ଗୋଟିଏ ଲେଖାଏଁ ପଏଣ୍ଟ ହାସଲ କରିଛନ୍ତି । କୋଲକାତାର ଇଡେନ୍‌ଗାର୍ଡେନ୍‌ସରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ବିନିମୟରେ ୨୦୧ ରନ୍ ସ୍କୋର କରିଥିଲା । ଏହାର ଜବାବରେ କୋଲ୍‌କାତା ନାଇଟ୍ ରାଇଡର୍ସ ମାତ୍ର ଗୋଟିଏ ଓଭରରେ ୭ ରନ୍ ସ୍କୋର କରିଥିବା ବେଳେ ବର୍ଷା ଯୋଗୁଁ ଖେଳ ସମ୍ଭବ ହୋଇନଥିଲା । ପଏଣ୍ଟ ତାଲିକାରେ ପଞ୍ଜାବ କିଙ୍ଗ୍‌ସ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲ୍‌କାତା ନାଇଟ୍ ରାଇଡର୍ସ ସପ୍ତମ ସ୍ଥାନରେ ରହିଛି ।

ଆଜି ଆଇପିଏଲ୍‌ରେ ୨ଟି ମ୍ୟାଚ୍ ଖେଳାଯିବ । ଅପରାହ୍ନ ୩ଟା ୩୦ରେ ମୁମ୍ବାଇରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏବଂ ସନ୍ଧ୍ୟା ୭ଟା ୩୦ରେ ଦିଲ୍ଲୀରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।